ସକାଳ THE SAKALA



www.sakalaepaper.com

# ପାଲଲହଡ଼ା ପୁଲିସ ପକ୍ଷରୁ ଜଳଛତ୍ର ଉଦଘାଟିତ



ପାଲଲହଡ଼ା,୨୩।୪(ସମିସ): ପାଲଲହଡ଼ା ଥାନା ପୁଲିସ ତରଫରୁ ଉଦିତନଗର ଓଭର ବ୍ରିଜଠାରେ ଜଳଛତ୍ର ଉଦଘାଟିତ ହୋଇଛି। ଥାନା ଅଧିକାରୀ ପ୍ରଦୀପ କୁମାର ମହାନ୍ତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ପାଲଲହଡ଼ା ଏସଡିପିଓ କୈଳାସ ଚନ୍ଦ୍ର ସେଠୀ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନ ବାଟୋଇଙ୍କୁ ଦହି ସର୍ବତ ବଣ୍ଟନ କରାଯାଇଥିଲା। ଗ୍ରୀଷ୍ମ ପ୍ରବାହ ଲାଗି ରହିଥିବା ପର୍ଯ୍ୟନ୍ତ ଜଳଛତ୍ର ଖୋଲା ରହିବ ବୋଲି ଥାନା ଅଧିକାରୀ କହିଛନ୍ତି।

# ଚୋରା ବାଲି ବୋଝେଇ ଟ୍ରାକ୍ଟର ଜବତ

**ଚାଳକ ଗିରଫ**

କଣିହାଁ,୨୩।୪(ସମିସ): କଣିହାଁ ବ୍ଲକ ରେଙ୍ଗାଳି ଥାନା ଶୁଶୁବା ଗ୍ରାମ ନିକଟ ବେଆଇନ ବାଲିଘାଟରେ ମଙ୍ଗଳବାର ସନ୍ଧ୍ୟାରେ ପୁଲିସ ଚଢ଼ଉ କରି ଏକ ବାଲି ବୋଝେଇ ଟ୍ରାକ୍ଟର ଜବତ କରିବା ସହ ଚାଳକଙ୍କୁ ଗିରଫ କରିଛି। ଗିରଫ ଚାଳକ ହେଲେ ପୋଡ଼ଗଡ଼ ନୂଆସାହିର ବାବୁଲି ହେମ୍ବ୍ରମ। ବୁଧବାର ତାଙ୍କୁ କୋର୍ଟ ଚାଲାଣ କରାଯାଇଥିବା ଆଇଆଇସି ଚଞ୍ଚଳା ନାୟକ ସୂଚନା ଦେଇଛନ୍ତି।

● ଅନୁଗୋଳ ବନଖଣ୍ଡର ଅଭିନବ ପ୍ରୟାସ

# ହାତୀ-ମଣିଷ ଲଢ଼େଇ ରୋକିବ 'ହାଇମାଷ୍ଟ ଲାଇଟ୍'

ଅନୁଗୋଳ,୨୩।୪(ସମିସ): ହାତୀ-ମଣିଷ ମଧ୍ୟରେ ସଂଘର୍ଷ ରୋକିବା ପାଇଁ ଅନୁଗୋଳ ବନଖଣ୍ଡ ପକ୍ଷରୁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ଗ୍ରହଣ କରାଯାଇଛି। ବନ୍ୟଜନ୍ତୁ ଓ ମଣିଷଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ବନଖଣ୍ଡର ସମ୍ବେଦନଶୀଳ ଅଞ୍ଚଳଗୁଡ଼ିକରେ "ହାଇମାଷ୍ଟ ଲାଇଟ୍' ସ୍ଥାପନ କରାଯାଉଛି। ରାତିରେ ହାତୀଙ୍କ ଗତିବିଧି ଉପରେ ନଜର ରଖିବା ଏବଂ ଅପ୍ରୀତିକର ପରିସ୍ଥିତିକୁ ଏଡ଼ାଇବା ଏହାର ମୂଳ ଲକ୍ଷ୍ୟ ବୋଲି କୁହାଯାଇଛି।

ଏହି କ୍ରମରେରେ ୬ଟି ଶକ୍ତି-ସଞ୍ଚୟକାରୀ ଏଲ୍‌ଇଡି ଲାଇଟ୍ ବ୍ୟବହାର କରାଯାଇଛି, ଯାହା ୩୦ ଫୁଟରୁ ଅଧିକ ଉଚ୍ଚତାରେ ଲଗାଯାଇଛି। ଏହା ବ୍ୟାପକ ଅଞ୍ଚଳକୁ ଆଲୋକିତ କରିବା ସହ ଜଙ୍ଗଲ କଡ଼ରେ ଥିବା ଗାଁଗୁଡ଼ିକରେ ଦୃଶ୍ୟମାନତା ବୃଦ୍ଧି କରିବ। ଫଳରେ ହାତୀମାନେ ଜନବସତି ମୁହାଁ ହେଲେ ସ୍ଥାନୀୟ ଲୋକ ଓ ବନ କର୍ମଚାରୀମାନେ ପୂର୍ବରୁ ସତର୍କ ହୋଇପାରିବେ। ଏହି ବ୍ୟବସ୍ଥା ନିଶ୍ଚିତ ଭାବେ ଉଭୟ ମଣିଷ ଓ ବନ୍ୟଜନ୍ତୁଙ୍କ ସୁରକ୍ଷାରେ ସହାୟକ ହେବ ବୋଲି କୁହାଯାଇଛି।

# ବିଶ୍ୱ ପୁସ୍ତକ ଦିବସ ପାଳିତ



ଅନୁଗୋଳ,୨୩।୪(ସମିସ): ପୁସ୍ତକ ଆମକୁ ଜ୍ଞାନ ପ୍ରଦାନ କରିବା ସହ ଜୀବନରେ ଆଗକୁ ବଢ଼ିବାର ମାର୍ଗଦର୍ଶିକା ସାଜିଥାଏ। ପ୍ରତିବର୍ଷ ଏପ୍ରିଲ ୨୩ ତାରିଖ ବିଶ୍ୱ ପୁସ୍ତକ ଦିବସ ଭାବେ ପାଳନ କରାଯାଇଥାଏ। ପୁସ୍ତକ ଦିବସ ପାଳନର ଉଦ୍ଦେଶ୍ୟ ପୁସ୍ତକ ଓ ଲେଖକମାନଙ୍କୁ ସମ୍ମାନ ଦେବା। ଏହି କ୍ରମରେ ଡ୍ରିମ୍ ଫର୍ ଅନୁଗୋଳ ଓ ଆମ ପ୍ରତିଭା ଆମ ସ୍ୱାଭିମାନ ପକ୍ଷରୁ ଏହି ଦିବସ ମହିମାଜ୍ୟୋତି ଆବାସିକ ବିଦ୍ୟାଳୟରେ ପାଳନ କରାଯାଇଛି। କାର୍ଯ୍ୟକ୍ରମରେ ପୂର୍ବ ପ୍ରଶାସନିକ ଅଧିକାରୀ ତଥା ଲେଖକ ଡ. ଧରଣୀଧର ନାଥ ମୁଖ୍ୟବକ୍ତା ଭାବେ ଯୋଗଦେଇ ଅନେକ ବହି କେମିତି ବିଶ୍ୱରେ ପରିବର୍ତ୍ତନ ଆଣିଥିଲା ସେ ବିଷୟରେ ଆଲୋଚନା କରିଥିଲେ। ଜିଲ୍ଲା ପରିଷଦ ସଭ୍ୟା ମୀରା ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ପୁସ୍ତକ ଉପହାର ଦେବା ଓ କିଣିବା ମାନସିକତା ପ୍ରତ୍ୟେକ ବ୍ୟକ୍ତି ତଥା ଛାତ୍ରଛାତ୍ରୀମାନଙ୍କର ରହିବା ଉଚିତ୍ ବୋଲି ମତବ୍ୟକ୍ତ କରିଥିଲେ। ଭାରତର ପ୍ରତି ପଞ୍ଚାୟତରେ ପୁସ୍ତକାଳୟ ସ୍ଥାପନ ପାଇଁ ଡ୍ରିମ୍ ଫର୍ ଅନୁଗୋଳର ସଂଯୋଜକ ଗୋପାଳ ଚନ୍ଦ୍ର ନାଏକ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କୁ ପ୍ରସ୍ତାବ ଦେଇଥିଲେ। ସବୁ ସ୍କୁଲ, କଲେଜରେ ବିଶ୍ୱ ପୁସ୍ତକ ଦିବସ ପାଳନ କରାଯିବା ନିମନ୍ତେ ସମାଜସେବୀ ତଥା ଆମ ପ୍ରତିଭା ଆମ ସ୍ୱାଭିମାନର ସଦସ୍ୟ ପର୍ଶୁରାମ ଦାଶ ପ୍ରସ୍ତାବ ରଖିଥିଲେ। ଏହି ଅବସରରେ ଅତିଥି ତଥା ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଶିକ୍ଷଣୀୟ ପୁସ୍ତକ ବଣ୍ଟନ କରାଯାଇଥିଲା। ବିଦ୍ୟାଳୟର ଅଧ୍ୟାପକ ଟୁନା ବେହେରା ଧନ୍ୟବାଦ ଅର୍ପଣ କରିଥବା ବେଳେ ଆକାଶ ପ୍ରଧାନ, ସୌଭାଗ୍ୟ ସାମଲ ଓ ଗୋପବନ୍ଧୁ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ଅଂଶୁଘାତରେ ବିଦ୍ୟୁତ ଷ୍ଟ୍ରକଚର ଅପରେଟରଙ୍କ ମୃତ୍ୟୁ !



କିଶୋରନଗର,୨୩।୪(ସମିସ): କିଶୋରନଗର ବ୍ଲକ ବାମୁର ବିଦ୍ୟୁତ ବିଭାଗ ଷ୍ଟ୍ରକଚର ଅପରେଟର ଡିୟୁଟିରେ ଥିବା ବେଳେ ଅଂଶୁଘାତରେ ମୃତ୍ୟୁ ହୋଇଥିବା ଅଭିଯୋଗ ହୋଇଛି। ମୃତକ ହେଲେ ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ଥାନା କୃତିବାସପୁର ଗାଁର ମିହିର ସାହୁ (୩୦)। ମିହିର ବାମୁର ବିଦ୍ୟୁତ ଷ୍ଟ୍ରକଚରରେ ଅପରେଟର ଭାବେ କାର୍ଯ୍ୟରତ ଥିଲେ। ସବୁଦିନ ପରି ବୁଧବାର ଅପରାହ୍ନ ୨ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ତାଙ୍କ ଡ୍ୟୁଟି ଥିଲା। ଅପରାହ୍ନ ୨ଟା ୩୦ରେ ପ୍ରଚଣ୍ଡ ଯୋଗୁଁ ସେ ଛଟପଟ ହୋଇଥିଲେ। ଗୁରୁତର ଅବସ୍ଥାରେ ତାଙ୍କୁ ବିଭାଗୀୟ କର୍ମଚାରୀମାନେ କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ ଅନୁଗୋଳ ମୁଖ୍ୟ ଚିକିତ୍ସାଳୟ ନିଆଯାଇଥିଲା। ହେଲେ ସେଠାରେ ତାଙ୍କ ମୃତ୍ୟୁ ହୋଇଥିଲା। ମିହିରଙ୍କ ପରିବାରକୁ ବିଦ୍ୟୁତ ବିଭାଗ ପକ୍ଷରୁ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି।

# ଉଚ୍ଚ ମାଧ୍ୟମିକସ୍ତରୀୟ ହାକାଥନ ୩.୦



ଅନୁଗୋଳ,୨୩।୪(ସମିସ): ମଣିଷର ଅନ୍ତହୀନ ଅନ୍ୱେଷା ଓ ସୀମାହୀନ ଜିଜ୍ଞାସା ହିଁ ଆଧୁନିକ ବିଜ୍ଞାନର ଜନ୍ମଦାତା। ଏକ ଚିରାଚରିତ ଧାରାରୁ ବାହାରି ଯାଇ ନୂତନ ତଥା ସୃଜନାତ୍ମକ ସୃଷ୍ଟି ସଂସ୍ଥାପନ କରିବାରେ ହାକାଥନ ହେଉଛି ଏକ ଯୁଗାନ୍ତକାରୀ ପଦକ୍ଷେପ। ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟପରିସରରେଆୟୋଜିତଉଚ୍ଚ ମାଧ୍ୟମିକ ସ୍ତରର ଜିଲ୍ଲାସ୍ତରୀୟ ହାକାଥନ ୩.୦ରେ ଏହି ମତ ପ୍ରକାଶ ପାଇଛି। ଜିଲ୍ଲା ଶିକ୍ଷାଧିକାରୀ ନିରଞ୍ଜନ ସାହୁଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ଯ୍ୟକ୍ରମରେ ଆଇଆଇଟି ଭୁବନେଶ୍ୱରର ପ୍ରଫେସର ନରେଶ ଚନ୍ଦ୍ର ସାହୁ ସ୍ୱତନ୍ତ୍ର ଅତିଥି ତଥା ବିଚାରକ ରୂପେ ଯୋଗଦେଇଥିଲେ। ୟୁନିସେଫ୍ ଶିକ୍ଷା ପରାମର୍ଶଦାତା ଜ୍ୟୋତିଜ୍ୟୋତି ପଣ୍ଡା ସମ୍ମାନିତ ଅତିଥି ରୂପେ ଯୋଗଦେଇଥିଲେ। କୃତ୍ରିମ ବୁଦ୍ଧିମତ୍ତାରେ ପାଦ ଥାପିଥିବା ଆଜିର ଯୁବସମାଜ ଯେ ଆଙ୍ଗୁଳି ଟିପରେ ଯୁଗ ବଦଳାଇ ପାରେ ଏହା ଅନସ୍ୱୀକାର୍ଯ୍ୟ ବୋଲି ଅତିଥିମାନେ କହିଥିଲେ।

ଜିଲ୍ଲା ଶିକ୍ଷାଧିକାରୀ କହିଥିଲେ ଯେ କଠୋର ପରିଶ୍ରମ ଓ ସଂଘର୍ଷ ମାଧ୍ୟମରେ ଅସାଧ ସାଧନ କରିହୁଏ। କୋଡିଂ ଲାଙ୍ଗୁଏଜ ମାଧ୍ୟମରେ ବିଭିନ୍ନ ସମସ୍ୟାର ସମାଧାନ ଶୃଙ୍ଖଳିତ ଭାବେ ହୋଇପାରେ ବୋଲି ସେ ଉଲ୍ଲେଖ କରିଥିଲେ। ପ୍ରଫେସର ନରେଶ ଚନ୍ଦ୍ର ସାହୁ ତାଙ୍କ ବକ୍ତବ୍ୟରେ ସାଧବ ପୁଅମାନେ ସେ ସମୟରେ ବିଦେଶରେ ବାଣିଜ୍ୟ କରିବାରେ ସିଦ୍ଧହସ୍ତ ବୋଲି ସୂଚନା ଦେଇଥିଲେ। ଜଗନ୍ନାଥ ଓ କୋଣାର୍କ ମନ୍ଦିର ପୂରା କାଳରେ ଓଡ଼ିଶାର କଳା, ସ୍ଥାପତ୍ୟ, ବୈଷୟିକ ଜ୍ଞାନ ଓ ଅବିଶ୍ୱସନୀୟ ମ୍ୟାନେଜମେଣ୍ଟ ସ୍କିଲକୁ ମନେ ପକାଇଦିଏ। ଏଆଇ ସହ ସଂଯୁକ୍ତ ସିଗ୍ନାଲ ସିଷ୍ଟମ, ଆପ୍‌ର ବ୍ୟବହାର ଏବଂ ଏଆଇ ଟୁଲ୍ସ ଆଜିର ସମୟର ଏକାନ୍ତ ଆବଶ୍ୟକତା। ରୋବଟିକ୍ସ, ଚାଟ ଜିପିଟି, ପେଥନ, ନାନୋ ଟେକ୍ନୋଲୋଜି, ଡ୍ରୋନ ଆଦି ବିଜ୍ଞାନର ଚମତ୍କାରିତା। ଶିକ୍ଷା, ସ୍ୱାସ୍ଥ୍ୟ, ଉଦ୍ୟୋଗ, ଗମନାଗମନ ଆଦି ପ୍ରତ୍ୟେକ କ୍ଷେତ୍ରରେ ଶୀଘ୍ର, ନିପୁଣତା ସହ ତ୍ରୁଟିଶୂନ୍ୟ ସେବା ଯୋଗାଇବା ସମ୍ଭବ ହୋଇପାରୁଛି। ହକ୍କାଥନ ପିଲାଙ୍କ ମଧ୍ୟରେ କ୍ରିଟିକାଲ ଥିଙ୍କିଙ୍ଗ, ଅନାଲିଟିକାଲ ଥିଙ୍କିଙ୍ଗ, ପ୍ରୋବ୍ଲେମ ସଲଭିଂ ସ୍କିଲ୍ସ ବୃଦ୍ଧି କରିବା ସହ ଏକ ନିରନ୍ତର ଭବିଷ୍ୟତ ଗଠନ ପାଇଁ ପ୍ରବୃତ୍ତି ଜାଗ୍ରତ କରିଥାଏ ବୋଲି ସେ କହିଥିଲେ। ଜିଲ୍ଲା ବିଜ୍ଞାନ ପର୍ଯ୍ୟବେକ୍ଷକ ଅମ୍ବୁଜ ଗଡ଼ନାୟକ ହାକାଥନ ୩.୦ ପ୍ରତିଯୋଗିତାର ପରିଚାଳନା ସହ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ତାଳଚେର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଅଧ୍ୟାପକ ଦୀପାଂଶୁ ଶେଖର ସାହୁ ଓ ଅବସରପ୍ରାପ୍ତ ବିଇଓ ଅଞ୍ଜଳିପ୍ରିୟ ପ୍ରଧାନ ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଦର୍ଶନୀରେ ମୋଟ ୩୫ଟି ପ୍ରକଳ୍ପ ମଧ୍ୟରୁ ୩ଟି ପ୍ରକଳ୍ପ ରାଜ୍ୟ ସ୍ତରକୁ ମନୋନୀତ କରାଯାଇଛି। ଶ୍ରୀ ଚନ୍ଦ୍ରଶେଖର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶେଖ୍ ୟୁସୁଫ୍ ଆଲମ୍ ଓ ତାଙ୍କ ଟିମ୍ ପ୍ରଥମ, ଗୁରୁସୁଲେଇ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ସହରଗୁରୁଜଙ୍ଗର ସୁପ୍ରିୟା ମହାପାତ୍ର ଓ ଟିମ୍ ଦ୍ୱିତୀୟ ଏବଂ ଜନତା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଶୁଭେନ୍ଦୁ କୁମାର ସାହୁ ଓ ଟିମ୍ ତୃତୀୟ ସ୍ଥାନ ଅଧିକାର କରି ରାଜ୍ୟ ସ୍ତରକୁ ଉନ୍ନୀତ ହୋଇଛନ୍ତି। ଆତ୍ମନିର୍ଭର ଭାରତ ଓ ବିକଶିତ ଭାରତ ପାଇଁ ହାକାଥନ ହେଉଛି ଏକ ପ୍ରକୃଷ୍ଟ ପ୍ଲାଟଫର୍ମ ବୋଲି ଅତିଥିମାନେ କହିଥିଲେ। ପ୍ରଦର୍ଶନୀ ସମୟରେ ଅତିରିକ୍ତ ଜିଲ୍ଲା ଶିକ୍ଷାଧିକାରୀ ଲୋପାମୁଦ୍ରା ପଟ୍ଟନାୟକ ଓ ମଧୁସ୍ମିତା ନନ୍ଦ ଏବଂ ବିଦ୍ୟାଳୟର ପ୍ରଧାନଶିକ୍ଷକ ପ୍ରିୟରଞ୍ଜନ ପ୍ରଧାନ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିଥିଲେ। ବିଦ୍ୟାଳୟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

**ଶାସନ ସଚିବଙ୍କ ଅନୁଗୋଳ ଗସ୍ତ**

# ଛେଣ୍ଡିପଦା ଅଞ୍ଚଳରେ କୋଇଲା ପରିବହନ ଭିତ୍ତିଭୂମି ସମୀକ୍ଷା



ଅନୁଗୋଳ,୨୩।୪(ସମିସ): କୋଇଲା ଏବଂ ଅନ୍ୟାନ୍ୟ ସାମଗ୍ରୀ ପରିବହନ କ୍ଷେତ୍ରରେ ଭିତ୍ତିଭୂମିର ବିକାଶ ତଥା ଜନସାଧାରଣଙ୍କ ସୁବିଧାକୁ ଦୃଷ୍ଟିରେ ରଖି ପୂର୍ତ୍ତ ବିଭାଗ ପ୍ରମୁଖ ଶାସନ ସଚିବ ସଞ୍ଜୟ କୁମାର ସିଂହ ଗୁରୁବାର ଛେଣ୍ଡିପଦା ଅଞ୍ଚଳ ଗସ୍ତ କରି ବିଭିନ୍ନ ପ୍ରକଳ୍ପର ସମୀକ୍ଷା କରିଛନ୍ତି। ଛେଣ୍ଡିପଦା-ଅନୁଗୋଳ ଏବଂ ଛେଣ୍ଡିପଦା-ଜରପଡ଼ା ରାସ୍ତାର ତୁରନ୍ତ ମରାମତି ସହ ଏହାର ଉନ୍ନତୀକରଣ ଉପରେ ସଚିବ ଗୁରୁତ୍ୱାରୋପ କରିଛନ୍ତି। ପରିବହନକୁ ସୁଗମ କରିବା ପାଇଁ ଏହି ରାସ୍ତାଗୁଡ଼ିକର ଉନ୍ନତୀକରଣ କାର୍ଯ୍ୟ ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି। ଜନବହୁଳ ଅଞ୍ଚଳରେ ଟ୍ରକ୍ ଚଳାଚଳ ଯୋଗୁଁ ସାଧାରଣ ଲୋକେ ସାମନା କରୁଥିବା ସମସ୍ୟା ସମାଧାନ ପାଇଁ ସ୍ୱତନ୍ତ୍ର ବାଇପାସ ରାସ୍ତା ନିର୍ମାଣ ନିମନ୍ତେ ଆକ୍ସନ ପ୍ଲାନ ପ୍ରସ୍ତୁତ କରିବାକୁ କୁହାଯାଇଛି। ବନ୍ଦର ଅଭିମୁଖେ କୋଇଲା ପରିବହନ ପାଇଁ ରାସ୍ତାଘାଟରେ ଥିବା ମିସିଂ ଲିଙ୍କଗୁଡ଼ିକର ସର୍ଭେ କରାଯାଇ ଏହାର ସଂଯୋଗୀକରଣ କାର୍ଯ୍ୟ ହାତକୁ ନେବାକୁ ସେ କହିଛନ୍ତି। କୋଇଲା ପରିବହନ ବେଳେ ଅନ୍ୟାନ୍ୟ ଯାତ୍ରୀ ଏବଂ ସାଧାରଣ ବାହନଗୁଡ଼ିକର ନିରାପତ୍ତା ପ୍ରତି ବିଶେଷ ଧ୍ୟାନ ଦେବାକୁ ସଚିବ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ଗସ୍ତ ସମୟରେ ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତରଙ୍କ ସମେତ ବିଭାଗୀୟ ବରିଷ୍ଠ ଯନ୍ତ୍ରୀ ଓ ଜିଲ୍ଲା ପ୍ରଶାସନର ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

# କୋଇଲା ଖଣି ମହାପ୍ରବନ୍ଧକଙ୍କୁ ଦାବିପତ୍ର

## ଠିକା ସଂସ୍ଥାରେ ପୁରୁଣା କର୍ମଚାରୀ ଓ ସ୍ଥାନୀୟ ଯୁବକଙ୍କୁ ନିଯୁକ୍ତି ଦାବି

କଣିହାଁ,୨୩।୪(ସମିସ): କଣିହାଁ ବିଜେପି ମଣ୍ଡଳ ସଭାପତି ସୁଶାନ୍ତ ସାମଲଙ୍କ ନେତୃତ୍ୱରେ ଏକ ପ୍ରତିନିଧି ମଣ୍ଡଳୀ ଗୁରୁବାର ପୂର୍ବାହ୍ନରେ କଣିହାଁ ଖୋଲାମୁହଁ ପ୍ରକଳ୍ପର ମହାପ୍ରବନ୍ଧକ ନରେଶ ସିଂ ରାଣାଙ୍କୁ ତାଙ୍କ



କାର୍ଯ୍ୟାଳୟରେ ଭେଟି ନୂତନ ଠିକାସଂସ୍ଥାରେ ପୁରୁଣା କର୍ମଚାରୀ ଓ ବିଭିନ୍ନ ପଞ୍ଚାୟତର ବେରୋଜଗାର ଯୁବକଙ୍କୁ ଦକ୍ଷତା ଭିତ୍ତିରେ ନିଯୁକ୍ତି ପ୍ରଦାନ କରିବାକୁ ଦାବିପତ୍ର ପ୍ରଦାନ କରିଛନ୍ତି। ଆଗାମୀ ଦିନରେ କଣିହାଁ କୋଇଲା ଖଣିରେ ନୂତନ ଠିକାସଂସ୍ଥା ଖନନ, ଉତ୍ତୋଳନ ଓ ପରିବହନ କମ୍ପାନୀରେ ଜମିହରା ପୁରୁଣା କର୍ମଚାରୀ ଓ ଦକ୍ଷତାସମ୍ପନ୍ନ ବେରୋଜଗାର ଯୁବକମାନଙ୍କୁ ନିଯୁକ୍ତି ଥଇଥାନ ନ କଲେ ଖଣି କାର୍ଯ୍ୟକୁ ଠପ୍ କରିଦିଆଯିବ ବୋଲି ଚେତାବନୀ ଦିଆଯାଇଛି। ପ୍ରତିନିଧି ମଣ୍ଡଳୀରେ ରାଜ୍ୟ ପରିଷଦ ସଭ୍ୟ ସଚ୍ଚିଦାନନ୍ଦ ପ୍ରଧାନ, ଜିଲ୍ଲା ପ୍ରତିନିଧି ଲୋକନାଥ ସାହୁ, ପ୍ରକାନ୍ତ ମଣ୍ଡଳ ସଭାପତି ସମିତି ସଭ୍ୟ ଦେବେନ୍ଦ୍ର ବାରିକ, ସାଧାରଣ ସମ୍ପାଦକ ଦିଲେଶ୍ୱର ବେହେରା, ଯୁବନେତା ହରମୋହନ ସାହୁ, କଣିହାଁ କୋଇଲା ଖଣି ବିଏମଏସ ସଭାପତି ଅଭୟ ସାହୁ, ସମ୍ପାଦକ ଚିନ୍ମୟ ପ୍ରଧାନ, ଶ୍ରମିକ ନେତା ରମେଶ ସାମଲ ସୁଲେନ ଧର, ସିପୁନ ବେହେରା, କ୍ରିଷ୍ଣା ଗଡ଼ନାୟକ, ପ୍ରକାନ୍ତ ସରପଞ୍ଚ ଦୁଃଖବନ୍ଧୁ ଭୂତିଆ, ବିଟା ସାହୁ, ସତ୍ୟାନନ୍ଦ ସାମଲ, ରାକେଶ ଗୋଛାୟତ, ମୁଲିଆ ପରିଡ଼ା, ଚରଣ ବେହେରା, ମାନସ ପ୍ରଧାନ, ଶିବୁ ପଟ୍ଟନାୟକ, ଅମୀର ସାମଲ, ପାଣୁ ଭୂତିଆ ପ୍ରମୁଖ ସାମିଲ ଥିଲେ।

# ପ୍ରଚଣ୍ଡ ରୌଦ୍ରତାପ ସହ ଅସହ୍ୟ ଗୁଳୁଗୁଳି

**ଜନଜୀବନ ଅସ୍ତବ୍ୟସ୍ତ**

ତାଳଚେର,୨୩।୪(ସମିସ): ଓଡ଼ିଶାର ଉତ୍ତପ୍ତ ସହରଭାବେ ତାଳଚେର ପରିଗଣିତ ହେଉଥିବା ବେଳେ ଗତ ତିନିଦିନ ହେବ ପାରଦ ଉପରମୁହାଁ ହେବାରେ ଲାଗିଛି। ଗତ ସପ୍ତାହରେ ପାଗ କୋହଲା ରହିଥିବାରୁ ଖରା ପ୍ରକୋପ ଏତେଟା ଜଣାପଡୁ ନ ଥିଲା। ଏବେ ପ୍ରଚଣ୍ଡ ରୌଦ୍ରତାପ ଅନୁଭୂତ ହେଉଛି। ମଧ୍ୟାହ୍ନ ସମୟରେ ରାସ୍ତାଘାଟ, ଦୋକାନ ବଜାର ଜନଶୂନ୍ୟ ହୋଇପଡୁଥିବା ଦେଖିବାକୁ ମିଳିଛି। ବିଭିନ୍ନ କ୍ଷେତ୍ରରେ କାର୍ଯ୍ୟ କରୁଥିବା ଲୋକେ ଓ ପଥଚାରୀ, ମଧ୍ୟାହ୍ନ ୧୨ଟା ପରେ ଆଉ ଦୃଶ୍ୟମାନ ହେଉନାହାନ୍ତି। ଗରୁବାର ତାଳଚେର ତାପମାତ୍ରା ୪୪ ଡିଗ୍ରୀ ସହ ରାଜ୍ୟର ସବୁଠୁ ଉତ୍ତପ୍ତ ସହର ରହିଥିଲା। ତାଳଚେର ଅଞ୍ଚଳରେ ଖଣିଖାଦାନ ସହ ବହୁ ରାଷ୍ଟ୍ରାୟତ ଉଦ୍ୟୋଗ ଗଢ଼ି ଉଠିବା,



ବଡ଼ ବଡ଼ ଅଟ୍ଟାଳିକା ସହ ଅଞ୍ଚଳରେ ଥିବା ଜଙ୍ଗଲଗୁଡ଼ିକୁ ଧ୍ୱଂସ କରି ଦିଆଯାଉଥିବାରୁ ଆଜି ତାଳଚେରବାସୀଙ୍କୁ ଏଭଳି ପରିସ୍ଥିତି ଭୋଗିବାକୁ ପଡୁଥିବା ପରିବେଶବିତ୍ ମତବ୍ୟକ୍ତ କରିଛନ୍ତି। ପ୍ରଚଣ୍ଡ ତାତି ଓ ଗୁଳୁଗୁଳିରେ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡୁଥିବା ବେଳେ ପଶୁପକ୍ଷୀ ମଧ୍ୟ ଦହଗଞ୍ଜ ହେଉଛନ୍ତି। ପ୍ରଶାସନ ପକ୍ଷରୁ ନିରବଚ୍ଛିନ୍ନ ଭାବେ ବିଦ୍ୟୁତ ଓ ଜଳ ଯୋଗାଣ ବ୍ୟବସ୍ଥା କରିବା ସହ ସ୍କୁଲ କଲେଜଗୁଡ଼ିକୁ ବନ୍ଦ କରିବାକୁ ଅଭିଭାବକ ମହଲରେ ଦାବି ହେଉଛି।

# ପୋଖରୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ହତ୍ୟା ସନ୍ଦେହ**

କଣିହାଁ,୨୩।୪(ସମିସ): କଣିହାଁ ଥାନା ସାନ ଚାଘୁଡ଼ିଆ ଗ୍ରାମ ଗୋଡ଼ି ପୋଖରୀରୁ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଅବସ୍ଥାରେ ଛେଣ୍ଡିପଦା ଅଗ୍ନିଶମ ବାହିନୀ ଉଦ୍ଧାର କରିଛି। ମୃତକ ହେଲେ କଣିହାଁ ଥାନା ବଡ଼ଗୁଣ୍ଡୁରୀ ପଞ୍ଚାୟତ ବଡ଼ହୀରା ଗ୍ରାମର ପଙ୍କଜ ବେହେରା (୩୨)। ବୁଧବାର ପୂର୍ବାହ୍ନ ୧୧ଟାରେ ପଙ୍କଜ ଘରୁ ବାହାରି ଯାଇଥିଲେ ମଧ୍ୟ ଆଉ ଘରକୁ ଫେରି ନ ଥିଲେ। ଏନେଇ ତାଙ୍କ ସାନ ଭାଇ ପ୍ରକାଶ ବେହେରା (୨୮) ଥାନାରେ ଅଭିଯୋଗ କରିଥିଲେ। ଗୁରୁବାର ସକାଳେ ସ୍ଥାନୀୟ ଲୋକ ପୋଖରୀରେ ମୃତଦେହ ଭାସୁଥିବା ଦେଖି ପୁଲିସକୁ ସୂଚନା ଦେଇଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରିଛି। ପ୍ରକାଶଙ୍କ ଅଭିଯୋଗ ଆଧାରରେ ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ପ୍ରାଥମିକ ତଦନ୍ତରୁ ଜଣାପଡ଼ିଛି ଯେ ମୃତକଙ୍କ ବେକରେ ଗାମୁଛା ବନ୍ଧାଯାଇଥିବା ବେଳେ ଉକ୍ତ ଗାମୁଛାରେ ଏକ ପଥର ମଧ୍ୟ ବାନ୍ଧାଯାଇଥିଲା। ଥାନା ଆଇଆଇସି ରମଣୀ ରଞ୍ଜନ ଦଳେଇଙ୍କ କହିବା ଅନୁସାରେ, ନିଖୋଜ ନେଇ ଅଭିଯୋଗ ହୋଇଥିଲା। ଶବ ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ସତ୍ୟାସତ୍ୟ ଜଣାପଡ଼ିବ। ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଅନୁଗୋଳ ଡିଏସପି ସୁକୁମାର ତ୍ରିପାଠୀ ସାଇଣ୍ଟିଫିକ ଟିମ୍ ସହ ତଦନ୍ତ ଜାରି ରଖିଛନ୍ତି।

# କିଶୋରନଗର ବ୍ଲକରେ ଗୃହଗଣନା କାର୍ଯ୍ୟକ୍ରମ



କିଶୋରନଗର,୨୩।୪(ସମିସ): ଭାରତ ସରକାରଙ୍କ ଗୃହ ମନ୍ତ୍ରାଳୟ ତରଫରୁ ସମ୍ପ୍ରତି ସମଗ୍ର ଭାରତବର୍ଷରେ ପ୍ରଥମ ପର୍ଯ୍ୟାୟରେ ଗୃହଗଣନା କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ଏପ୍ରିଲ ୧୫ରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ମେ ୧୭ ତାରିଖ ପର୍ଯ୍ୟନ୍ତ ଚାଲିବ। କିଶୋରନଗର ବ୍ଲକରେ ଚାଲିଥିବା ଏହି ଗୃହଗଣନା କାର୍ଯ୍ୟକ୍ରମ ଚାର୍ଜ ଅଫିସର ତଥା କିଶୋରନଗର ତହସିଲଦାର ବିକ୍ରମ କେଶରୀ ନାୟକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ପରିଚାଳିତ ହେଉଛି। ଏଥିପାଇଁ ୩୩ ଜଣ ସୁପରଭାଇଜର ଓ ୨୦୦ ଗଣନାକାରୀଙ୍କୁ ନିୟୋଜିତ କରାଯାଇଛି। ଗଣନାକାରୀମାନେ ଘରଘର ବୁଲି ଲୋକଙ୍କଠାରୁ ତଥ୍ୟ ସଂଗ୍ରହ କରୁଛନ୍ତି। ଏହି ଅଧିକାରୀମାନଙ୍କୁ ତିନିଟି ପର୍ଯ୍ୟାୟରେ ତାଲିମ ପ୍ରଦାନ କରାଯାଇଥିଲା। ଅତିରିକ୍ତ ତହସିଲଦାର ସରିତା ସୁଚରିତା, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମଙ୍ଗୁଲୁ ଚରଣ ପ୍ରଧାନ, ଅଧ୍ୟାପକ ତରଣୀସେନ ସାହୁ, ଅଧ୍ୟାପକ ପୁରୁଷୋତ୍ତମ ସାହୁ ତାଲିମ ପ୍ରଦାନ କରିଥିଲେ। ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ସତ୍ତ୍ୱେ ଗୃହଗଣନା କାର୍ଯ୍ୟ ଜାରି ରହିଥିବାବେଳେ ଜନସାଧାରଣ ଏଥିରେ ସହଯୋଗ କରିବାକୁ ପ୍ରଶାସନ ପକ୍ଷରୁ ଅନୁରୋଧ କରାଯାଇଛି। ଆସନ୍ତା ବର୍ଷ ଜାନୁଆରୀ-ଫେବୃଆରୀରେ ଦ୍ୱିତୀୟ ପର୍ଯ୍ୟାୟରେ ଜନଗଣନା ହେବ ବୋଲି ଜଣାପଡ଼ିଛି।

# ରୋଟାରୀ ରୟାଲ ତରଫରୁ ହ୍ୱିଲ ଚେୟାର ପ୍ରଦାନ



ଅନୁଗୋଳ,୨୩।୪(ସମିସ): ପ୍ରଚଣ୍ଡ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ରୋଟାରୀ କ୍ଲବ ଅନୁଗୋଳ ରୟାଲ ତରଫରୁ ସ୍ଥାନୀୟ ପାଣ୍ଟାଲୁନ ଶୋ'ରୁମ୍ ନିକଟରେ ଦହି ସରବତ୍ ଏବଂ ଜଳ ବଣ୍ଟନ କରାଯିବା ସହିତ ଏକ ଜଳଛତ୍ର ଖୋଲାଯାଇଛି। ଏହାସହ ରୋଟାରୀ ରୟାଲର ସଭାପତି ରୋଟାରିଆନ ଡା. କୁମାର ସୌମ୍ୟକାନ୍ତ ବିଶୋଇଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ବରିଷ୍ଠ ନାଗରିକ କେନ୍ଦ୍ର ଦିଶାକୁ କ୍ଲବ ତରଫରୁ ଏକ ହ୍ୱିଲ ଚେୟାର ପ୍ରଦାନ କରାଯାଇଛି। ଏହା ଅନ୍ତେବାସୀଙ୍କ ଦୈନନ୍ଦିନ କାର୍ଯ୍ୟରେ ସହାୟକ ହେବ ବୋଲି ସଭାପତି କହିଛନ୍ତି। ସମ୍ପାଦକ ରୋଟାରିଆନ ନୀହାରରଞ୍ଜନ ପ୍ରସାଦ, ମଧୁ ଗୁପ୍ତା, କହ୍ନେୟା ଚୌଧୁରୀ, ପୂଜା ମୋଦୀ, ଆରତୀ ସରଲିଆ, ମଧୁସୂଦନ ଶର୍ମା, ମମତା ଚୌଧୁରୀ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ରୋଟାରିଆନ ଅନୀଲ ଗୁପ୍ତା ଧନ୍ୟବାଦ ଜ୍ଞାପନ କରିଥିଲେ।

# ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ




ଅନୁଗୋଳ,୨୩।୪(ସମିସ): ଗୁରୁବାର ପୂର୍ବାହ୍ନରେ ଜିଲ୍ଲା କାର୍ଯ୍ୟାଳୟ ସମ୍ମିଳନୀ କକ୍ଷରେ ଜିଲ୍ଲାପାଳ ଅବ୍‌ଦାଲ୍ ମୁହମ୍ମଦ୍ ଅଖ୍‌ତରଙ୍କ ଅଧ୍ୟକ୍ଷତାରେ ଜିଲ୍ଲା ସଡ଼କ ସୁରକ୍ଷା କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକ ପ୍ରାରମ୍ଭରେ ମାର୍ଚ୍ଚ ମାସରେ ହୋଇଥିବା ଦୁର୍ଘଟଣା, ନିଆଯାଇଥିବା କାର୍ଯ୍ୟାନୁଷ୍ଠାନ ଓ ବିଭିନ୍ନ ପଦକ୍ଷେପ ଉପରେ ପରିବହନ ବିଭାଗ ଦ୍ୱାରା କମିଟିକୁ ଅବଗତ କରାଯାଇଥିଲା। ପରିବହନ ବିଭାଗ ସୂଚନା ଅନୁଯାୟୀ ଗତ ମାର୍ଚ୍ଚରେ ଜିଲ୍ଲାରେ ମୋଟ ୪୧ ଦୁର୍ଘଟଣା ଘଟିଥିବାବେଳେ ୨୧ଜଣଙ୍କ ମୃତ୍ୟୁ ଘଟିଛି ଓ ୨୦ଜଣ ଆହତ ହୋଇଛନ୍ତି। ଫେବୃଆରୀ ମାସର ମୋଟ ଦୁର୍ଘଟଣା ତୁଳନାରେ ମାର୍ଚ୍ଚ ମାସରେ ଦୁର୍ଘଟଣା ହାର ହ୍ରାସ ପାଇଛି। ଗତ ମାସରେ ପରିବହନ ବିଭାଗ ଦ୍ୱାରା ହୋଇଥିବା ଯାଞ୍ଚ ସମୟରେ ବିନା ହେଲମେଟରେ ଗାଡ଼ି ଚାଳନା ଯୋଗୁଁ ୧୩୯୨ ଜଣ, ଦ୍ରୁତ ଗାଡ଼ି ଚାଳନା ଯୋଗୁଁ ୧୩୬୭ ଜଣ, ମଦ୍ୟପାନ କରି ଗାଡ଼ି ଚାଳନା ନିମନ୍ତେ ୬୬ ଜଣ, ଅତ୍ୟଧିକ ମାଲ ପରିବହନ ନିମନ୍ତେ ୮୦ ଜଣଙ୍କଠାରୁ ଜରିମାନା ଆଦାୟ କରାଯାଇଛି। ୫୨୨ ଜଣଙ୍କ ଲାଇସେନ୍ସ ରଦ୍ଦ କରାଯାଇଛି। ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଅତିରିକ୍ତ ଜିଲ୍ଲାପାଳ ଉଦୟ କୁମାର ମହାପାତ୍ର, ଅତିରିକ୍ତ ଏସ୍‌ପି ବିରଞ୍ଚି ବାଗ, ଉପ-ଜିଲ୍ଲାପାଳ ମାୟାଧର ବେହେରା, ଅନୁଗୋଳ ଆଞ୍ଚଳିକ ପରିବହନ ଅଧିକାରୀ ସମ୍ବିତ୍ କୁମାର, ଜିଲ୍ଲା ମୁଖ୍ୟ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ସତ୍ୟନାରାୟଣ ସାହୁ, ତାଳଚେର ମୋଟରଯାନ ନିରୀକ୍ଷକ ତପନ କୁମାର ବେଟୀଙ୍କ ସମେତ ବିଭିନ୍ନ ବିଭାଗର ଜିଲ୍ଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଦୁର୍ଘଟଣାରେ କନେଷ୍ଟବଲଙ୍କ ସମେତ ୩ ମୃତ



ଗୁଣୁପୁର, ୨୩।୪ (ସମିସ): ରାୟଗଡ଼ ଜିଲ୍ଲା ଗୁଣୁପୁର ବ୍ଲକ୍ ଅଞ୍ଚଳରେ ପୃଥକ୍ ପୃଥକ୍ ଦୁଇ ଦୁର୍ଘଟଣାରେ ଜଣେ ପୁଲିସ କନେଷ୍ଟବଲଙ୍କ ସମେତ ୩ଜଣଙ୍କ ମୃତ୍ୟୁ ଘଟିଛି। ମୃତକମାନେ ହେଲେ, ଗୁଣୁପୁର ବ୍ଲକ୍ ମରମା ପଞ୍ଚାୟତ ଉପର ଗୁମୁରିଗୁଡ଼ା ଗ୍ରାମର ଆର୍କା ଭୁଗାନ(୬୦) ଓ ଆନ୍ଧ୍ରପ୍ରଦେଶ ରାଜ୍ୟର ପେଟା ଥାନା ଅନ୍ତର୍ଗତ ଗୁମାଲକ୍ଷ୍ମୀପୁର ମଣ୍ଡଳର ଆଡାମଗୁଡ଼ା ଗ୍ରାମର ଶିବା ମାଣ୍ଡାଙ୍ଗୀ (୩୦) ଏବଂ ରାୟଗଡ଼ା ଆର୍.କେ ନଗରରେ ରହୁଥିବା ପୁଲିସ କନେଷ୍ଟବଲ ଦୀପକ ଗଉଡ଼ (୩୨)।

ସୂଚନାନୁସାରେ, ଗୁଣୁପୁର ଥାନା ଅନ୍ତର୍ଗତ ସିର୍କୁଲି-ଗଠଲପଦର ମୁଖ୍ୟ ରାସ୍ତାର ବଡବାରିଡି ନିକଟରେ ଆଜି ସନ୍ଧ୍ୟାରେ ଦୁଇ ବାଇକ୍ ଧକ୍କା ହେବାରୁ ଆର୍କା ଓ ଶିବାଙ୍କ ମୃତ୍ୟୁ ହୋଇଥିଲା। ଏହି ଦୁର୍ଘଟଣାରେ ଅନ୍ୟ ଦୁଇଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ଗୁରୁତର ଇତିମାନଗୁଡ଼ାର ତିମତି ଆପ୍ରାକାକୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୁଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌ଦ୍ୱୟକୁ ଉଦ୍ଧାର କରି ଘଟଣାର ତଦନ୍ତ କରୁଛି। ସୂଚନା ମୁତାବକ, ଆର୍କା ଜଣେ ଖ୍ରୀଷ୍ଟିଆନ ପାଷ୍ଟର୍। ସେ ଗୁଣୁପୁର ଶବର ବିହାର ଅଞ୍ଚଳରେ ରହୁଥିଲେ। ଭୋଜି ଖାଇବା ପାଇଁ ସେ ଓ ତ୍ରିପତି ଆପ୍ରାକା ବାଇକ୍‌ରେ ଗୁଣୁପୁର ଫେରୁଥିଲେ। ଏହି ସମୟରେ ବିପରୀତ ଦିଗରୁ ଆସୁଥିବା ଅନ୍ୟ ଏକ ବାଇକ୍ ସହ ମୁହାଁମୁହିଁ ଧକ୍କା ହୋଇଥିଲା।

ସେହିପରି, ଅନ୍ୟ ଏକ ଘଟଣାକ୍ରମେ ଗୁଣୁପୁର ଥାନା ଅନ୍ତର୍ଗତ ରେଙ୍ଗଲପଦର ନିକଟ ମୁଖ୍ୟ ରାସ୍ତାରେ ବାଇକ୍ ପଛକୁ ଏକ ପିକ-ଅପ୍ ଭ୍ୟାନ୍ ଧକ୍କା ଦେବାରୁ କନେଷ୍ଟବଲ ଦୀପକ ଗଉଡ଼ଙ୍କ ମୃତ୍ୟୁ ଘଟିଛି। ଏହାସହ ଏହି ଘଟଣାରେ ଗୁରୁତର ଥିବା କେଦାରନାଥ ଗଉଡ଼ (୫୨) ଙ୍କୁ ପ୍ରଥମେ ଗୁଣୁପୁର ଉପଖଣ୍ଡ ମେଡିକାଲ ଏବଂ ପରେ ତାଙ୍କୁ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଗୁଣୁପୁର ପୁଲିସ ଦୁର୍ଘଟଣା ଘଟାଇଥିବା ପିକ୍‌ଅପ୍‌କୁ ଜବତ କରିବା ସହ ହେଲପରକୁ ଅଟକ ରଖି ପଚରାଉଚରା କରୁଛି। ଗୁଣୁପୁର ଏସ୍‌ଡିପିଓ ବାବୁଲି ନାୟକ ଦୁର୍ଘଟଣାସ୍ଥଳରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଥିଲେ। ଗୁଣୁପୁର ଥାନାଧିକାରୀ କମଳକାନ୍ତ ବସନ୍ତ କହଁର ଓ ଏସ୍‌ଆଇ ରଞ୍ଜିତ ତ୍ରିପାଠୀ ଏହି ଘଟଣାର ତଦନ୍ତ କରୁଛନ୍ତି।

## କଳାପଥରରେ ଝାଡ଼ାବାନ୍ତି ଆତଙ୍କ

# ଶ୍ରାଦ୍ଧବାର୍ଷିକୀ ଭୋଜି ଖାଇ ୬୦ରୁ ଊର୍ଦ୍ଧ୍ୱ ଆକ୍ରାନ୍ତ

ବାଙ୍କୀ, ୨୩।୪ (ସମିସ): ବାଙ୍କୀ ବ୍ଲକ ଅନ୍ତର୍ଗତ କଳାପଥର ଗ୍ରାମରେ ଭୋଜି ଖାଇ ଲୋକେ ଅସୁସ୍ଥ ହେବା ଘଟଣା ସ୍ଥାନୀୟ ଅଞ୍ଚଳରେ ଚିନ୍ତା ବଢ଼ାଇଛି। ଜଣେ ବ୍ୟକ୍ତିଙ୍କ ଶ୍ରାଦ୍ଧବାର୍ଷିକୀ ଭୋଜି ଖାଇବା ପରେ ପ୍ରାୟ ୬୦ରୁ ଊର୍ଦ୍ଧ୍ୱ ଲୋକ ଝାଡ଼ା ଓ ବାନ୍ତିରେ ଆକ୍ରାନ୍ତ ହୋଇଥିବା ଜଣାପଡ଼ିଛି। ସୂଚନାନୁଯାୟୀ, ଭୋଜି ଖାଇବାର କିଛି ସମୟ ପରେ ଗ୍ରାମବାସୀଙ୍କ ମଧ୍ୟରେ ଝାଡ଼ାବାନ୍ତିର ଲକ୍ଷଣ ଦେଖାଦେଇଥିଲା। ଅବସ୍ଥା ବିଗିଡ଼ିବାରୁ ସେମାନଙ୍କୁ ତୁରନ୍ତ କଳାପଥର ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। କେତେକ ଆକ୍ରାନ୍ତ ନିକଟସ୍ଥ ଭାପୁର ସ୍ୱାସ୍ଥ୍ୟକେନ୍ଦ୍ରରେ ମଧ୍ୟ ଚିକିତ୍ସିତ ହେଉଛନ୍ତି। ପ୍ରାଥମିକ ଚିକିତ୍ସା ପରେ ଅନେକ ଘରକୁ ଫେରିଥିଲେ ହେଁ ବର୍ତ୍ତମାନ ସୁଦ୍ଧା ବହୁ ବୟସ୍କ ମହିଳା ଓ ପୁରୁଷ ଡାକ୍ତରଖାନାରେ ଚିକିତ୍ସାଧୀନ ଅଛନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ ସ୍ଥାନୀୟ ଆଶା କର୍ମୀମାନେ ଘରକୁଘର ବୁଲି ଲୋକଙ୍କ ସ୍ୱାସ୍ଥ୍ୟାବସ୍ଥା ଯାଞ୍ଚ କରିଛନ୍ତି। ସୁବର୍ଣ୍ଣପୁର ସ୍ୱାସ୍ଥ୍ୟ କେନ୍ଦ୍ରର ଅଧୀକ୍ଷକଙ୍କୁ ଏ ସମ୍ପର୍କରେ ଅବଗତ କରାଯିବା ପରେ ପ୍ରଶାସନ ପକ୍ଷରୁ ତତ୍ପରତା ପ୍ରକାଶ ପାଇଛି। ସଂକ୍ରମଣକୁ ରୋକିବା ପାଇଁ ଗ୍ରାମର ସମସ୍ତ ନଳକୂପରେ ବ୍ଲିଚିଂ ପାଉଡର ପକାଯିବା ସହ ପାନୀୟ ଜଳର ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଉଛି। ଭୋଜିରେ ପରିବେଷଣ କରାଯାଇଥିବା ଖାଦ୍ୟରୁ ହିଁ ଏହି 'ଫୁଡ୍ ପଏଜନିଂ' ହୋଇଥିବା



ପ୍ରାଥମିକ ଭାବେ ଅନୁମାନ କରାଯାଉଛି। ସ୍ୱାସ୍ଥ୍ୟବିଭାଗ ପକ୍ଷରୁ ସ୍ଥିତି ଉପରେ ନଜର ରଖାଯାଇଛି ଏବଂ ଆବଶ୍ୟକସ୍ଥଳେ ଅଧିକ ଡାକ୍ତରୀ ଦଳ ମୁତୟନ କରାଯିବ ବୋଲି ଜଣାପଡ଼ିଛି।

## ଶାଳିଜଙ୍ଗା ମହିମା ଆଶ୍ରମ ବିବାଦ

# ତାଲା ଖୋଲିବାକୁ ପୁଲିସକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୩।୪ (ସମିସ): ଜଗତସିଂହପୁର ଜିଲ୍ଲା ନାଉଗାଁ ଥାନା ଅନ୍ତର୍ଗତ ଶାଳିଜଙ୍ଗା ମହିମା ଆଶ୍ରମରେ ଦୀର୍ଘ ଦିନ ଧରି ଲାଗି ରହିଥିବା ଅଚଳାବସ୍ଥାର ଅନ୍ତ ଘଟାଇବା ପାଇଁ ଓଡ଼ିଶା ହାଇକୋର୍ଟ ଏକ ବଡ଼ ନିର୍ଦ୍ଦେଶ ଦେଇଛନ୍ତି। ଆଶ୍ରମର ଅନ୍ତେବାସୀଙ୍କ ସୁରକ୍ଷା ଓ ମୌଳିକ ଅଧିକାରକୁ ପ୍ରାଧାନ୍ୟ ଦେଇ କୋର୍ଟ

- ବିନା ବାଧାରେ ରହିବେ ଅନ୍ତେବାସୀ, ଗ୍ରାମବାସୀଙ୍କ ପକ୍ଷଭୁକ୍ତ ଆବେଦନ ଖାରଜ
- ଆଇନଶୃଙ୍ଖଳା ରକ୍ଷା କରିବାକୁ ନାଉଗାଁ ଆଇଆଇସିଙ୍କୁ କଡ଼ା ନିର୍ଦ୍ଦେଶ

କହିଛନ୍ତି ଯେ ଗ୍ରାମବାସୀଙ୍କ ଦ୍ୱାରା ପଡ଼ିଥିବା ଆଶ୍ରମର ସମସ୍ତ ତାଲା ପୁଲିସ ତୁରନ୍ତ ଖୋଲିବ ଏବଂ ଅନ୍ତେବାସୀମାନେ ଯେପରି ସେଠାରେ ନିର୍ଭୟରେ ରହିପାରିବେ, ତାହା ସୁନିଶ୍ଚିତ କରିବ। ଡକ୍ଟର ଜଷ୍ଟିସ ସଞ୍ଜୀବ କୁମାର ପାଣିଗ୍ରାହୀଙ୍କୁ ନେଇ ଗଠିତ ଖଣ୍ଡପୀଠ ଆଶ୍ରମର ଅନ୍ତେବାସୀ ମାତା ରୀନାରାଣୀ ଦାସ, ମନୋରମା ଦାସ ଓ ବାବା ଗଦାଧର ଦାସଙ୍କ ଦ୍ୱାରା ଦାୟର ଆବେଦନର ଶୁଣାଣି କରି ଏହି ରାୟ ଦେଇଛନ୍ତି। ଶୁଣାଣି ସମୟରେ କେତେକ ଗ୍ରାମବାସୀ ଏହି ମାମଲାରେ ପକ୍ଷଭୁକ୍ତ ହେବା ପାଇଁ ଦେଇଥିବା ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। ଆଶ୍ରମରେ ଆଇନଶୃଙ୍ଖଳା ରକ୍ଷା କରିବା ସହ ଅନ୍ତେବାସୀଙ୍କୁ ବିନା ବାଧାରେ ରହିବାକୁ ସୁଯୋଗ ଦେବା ନାଉଗାଁ ଥାନା ଆଇଆଇସିଙ୍କ ଦାୟିତ୍ୱ ବୋଲି କୋର୍ଟ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ଅନୁଯାୟୀ, ଆଶ୍ରମର ପୂର୍ବତନ ମହନ୍ତ ବାବା କୁଳମଣି ଦାସ ଓ କ୍ଷୀରୋଦ ଚନ୍ଦ୍ର ଦାସଙ୍କ ମୃତ୍ୟୁ ପରେ କ୍ଷୀରୋଦଙ୍କ ଝିଅ ରୀନାରାଣୀ ଆଶ୍ରମର ଦାୟିତ୍ୱ ନେଇଥିଲେ। ମାତ୍ର କିଛି ଗ୍ରାମବାସୀ ସମ୍ପତ୍ତି ହଡ଼ପର ମିଥ୍ୟା ଅଭିଯୋଗ ଆଣି ଆଶ୍ରମ ପରିସରରେ ପଶି ଅନ୍ତେବାସୀଙ୍କୁ ଆକ୍ରମଣ ଓ ଜୀବନରୁ ମାରିଦେବାକୁ ଧମକ ଦେଇଥିଲେ। ଏପରିକି, ସେମାନଙ୍କୁ ଆଶ୍ରମ ଛାଡ଼ିବାକୁ ବାଧ୍ୟ କରାଯାଇ କୋଠରିଗୁଡ଼ିକରେ ତାଲା ପକାଇ ଦିଆଯାଇଥିଲା। ଏହି ନିର୍ଯାତନା ବିରୋଧରେ ଅନ୍ତେବାସୀମାନେ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଭୋଜରାଜ ସେଠ ମାମଲା ପରିଚାଳନା କରୁଛନ୍ତି। ହାଇକୋର୍ଟଙ୍କ ଏହି ନିର୍ଦ୍ଦେଶ ପରେ ଶାଳିଜଙ୍ଗା ଅଞ୍ଚଳରେ ଲାଗି ରହିଥିବା ଉତ୍ତେଜନା ପ୍ରଶମିତ ହେବ ବୋଲି ଆଶା କରାଯାଉଛି।

## ବହୁଚର୍ଚ୍ଚିତ ସସ୍ମିତା ଦାସ ହତ୍ୟା ମାମଲା

# ଅନ୍ୟଜଣଙ୍କ ସହ ନିର୍ବନ୍ଧ ହେବାରୁ ମାରିଦେଲା ବିବାହିତ ପ୍ରେମିକ

ଜଗତସିଂହପୁର, ୨୩।୪ (ସମିସ): ଗତ ୨୦ ତାରିଖରେ ଜଗତସିଂହପୁର ସଦର ଥାନା ଅଞ୍ଚଳରେ ସଂଘଟିତ ସସ୍ମିତା ଦାସ ହତ୍ୟା ଘଟଣାର ପର୍ଦ୍ଦାଫାସ କରିଛି ପୁଲିସ। ସୁପାରି କିଲର୍ ସହାୟତାରେ ପ୍ରେମିକ ସୂର୍ଯ୍ୟକାନ୍ତ ସ୍ୱାଇଁ ଓରଫ୍ ପୁପୁ ହିଁ ସସ୍ମିତାଙ୍କୁ ହତ୍ୟା କରିଛି। ଅନ୍ୟ ଜଣଙ୍କ ସହ ସସ୍ମିତାଙ୍କ ନିର୍ବନ୍ଧ ହେବାରୁ ଏଥିରେ ଉତ୍କ୍ଷିପ୍ତ ହୋଇ ସୂର୍ଯ୍ୟକାନ୍ତ ଏପରି କାଣ୍ଡ ଘିଆଇଛି ବୋଲି ପୁଲିସ କହିଛି। ବିବାହ ପୂର୍ବରୁ ଶେଷଥର ପାଇଁ କଥା ହେବାକୁ ଡାକି ନିଛାଟିଆ ଜାଗାରେ ସସ୍ମିତାଙ୍କୁ ହତ୍ୟା କରିଛି। ସୁପାରି କିଲର୍ ଓ ସୂର୍ଯ୍ୟକାନ୍ତ ଏକ ଚାପଡ଼ରେ ସସ୍ମିତାଙ୍କ ମୁଣ୍ଡ ଓ ମୁହଁକୁ ହାଣି ବୀଭତ୍ସ ହତ୍ୟା କରିଥିଲେ। ଏହି ଘଟଣାରେ ପୁଲିସ୍ ଅଭିଯୁକ୍ତ ସୂର୍ଯ୍ୟକାନ୍ତକୁ ଜାମସେଦପୁରରୁ ଗିରଫ କରିଥିବା ବେଳେ ସୁପାରିକିଲର୍‌କୁ ଧରିବାକୁ ତନାଘନା ଚଳାଇଛି। ଆଜି ପୁଲିସ ସୂର୍ଯ୍ୟକାନ୍ତକୁ ନେଇ ଘଟଣାସ୍ଥଳରେ ସିନ୍-ରିକ୍ରିଏସନ୍ କରାଇଛି। ଜିଲ୍ଲା ପୁଲିସ ମୁଖ୍ୟାଳୟରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଏସ୍‌ପି ଅଙ୍କିତ କୁମାର ବର୍ମା ଏ ସଂପର୍କରେ ବିସ୍ତୃତ ସୂଚନା ଦେଇଛନ୍ତି।

ସୂର୍ଯ୍ୟକାନ୍ତର ଘର ଜଗତସିଂହପୁର ଥାନା କୂଳମୁଣ୍ଡିଲୋ ଗ୍ରାମରେ ହୋଇଥିବା ବେଳେ ସେ ଜାମସେଦପୁରରେ ରହି ଅଟୋ ପାର୍ଟର୍ସ ବ୍ୟବସାୟ କରେ। ୨୦୧୩ ରେ ତା'ର ବିବାହ ହୋଇଥିଲା। ପତ୍ନୀ ଓ ପୁତ୍ର ସହ ସେ ଜାମସେଦପୁରରେ ରୁହନ୍ତି। ଏଥିସହ ପାରାଦୀପ ଓ ପୁରୀ ଜିଲ୍ଲାର ଅସ୍ତରଙ୍ଗରେ ସୂର୍ଯ୍ୟକାନ୍ତର ମାଛଧରା ବୋଟ୍ ରହିଛି। ଏଥିପାଇଁ ସେ ଅନେକ ସମୟରେ ଜଗତସିଂହପୁର ଆସିଥାଏ। ୨୦୧୬ରେ ଜଗତସିଂହପୁର ସଦର ଥାନା କାଠିଆପଡ଼ା ଗ୍ରାମର ସସ୍ମିତା ଦାସ ଓରଫ୍ ଡଲି ସହ ଜଣେ ବନ୍ଧୁଙ୍କ ମାଧ୍ୟମରେ ସମ୍ପର୍କ ହୋଇଥିଲା। ପରେ ଉଭୟଙ୍କ ମଧ୍ୟରେ ପ୍ରେମ ସମ୍ପର୍କ ଗଢ଼ିଉଠିଥିଲା। ସୂର୍ଯ୍ୟକାନ୍ତ ବିବାହିତ ବୋଲି ଜାଣିବା ପରେ ସସ୍ମିତା ତା'ଠାରୁ ଦୂରେଇବା ପାଇଁ ଉଦ୍ୟମ କରିଥିଲେ।

ସୂର୍ଯ୍ୟକାନ୍ତ ବିବାହ କରିବ ବୋଲି ଭରସା ଦେବା ସହ ସସ୍ମିତା ନାମରେ ୨୦୨୦ ମସିହାରେ ୧୨ ଲକ୍ଷ ଟଙ୍କା ଦେଇ ୪ ଗୁଣ୍ଠ ଜାଗା କିଣିଥିଲା। ସେହିପରି, ୧୦ଲକ୍ଷ ଟଙ୍କାର ଏଲ୍‌ଆଇସି ପଲିସି ମଧ୍ୟ ସସ୍ମିତା ନାମରେ କରିଥିଲା। କିନ୍ତୁ ସସ୍ମିତା ଉଦ୍ରକର ଅନ୍ୟ ଜଣେ ଯୁବକକୁ ଭଲ ପାଉଥିବା ଏବଂ ତାଙ୍କୁ ବିବାହ କରିବ ବୋଲି ସୂର୍ଯ୍ୟକାନ୍ତ



ଜାଣିବା ପରେ ଉଭୟଙ୍କ ମଧ୍ୟରେ ତିକ୍ତତା ବଢ଼ିଥିଲା।

ଏପରିକି, ୨୦୨୪ ମସିହା ଡିସେମ୍ବର ମାସରେ ସସ୍ମିତା ସଦର ଥାନାରେ ସୂର୍ଯ୍ୟକାନ୍ତ ନାମରେ ଦୁଷ୍କର୍ମ ଅଭିଯୋଗ କରିଥିଲେ। ପୁଲିସ ସୂର୍ଯ୍ୟକାନ୍ତକୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ପରେ ଆଲୋଚନା ମାଧ୍ୟମରେ ଘଟଣା ସମାଧାନ ହୋଇଥିଲା ଏବଂ ସୂର୍ଯ୍ୟକାନ୍ତ ଜାମିନରେ ଆସିଥିଲା। ଏଥିରେ ଅସନ୍ତୋଷ ବ୍ୟକ୍ତ କରି ସସ୍ମିତାଙ୍କ ନାମରେ କିଣିଥିବା ଜମିର ମାଲିକାନା ପରିବର୍ତ୍ତନ କରି ତା'ର ଜଣେ ସମ୍ପର୍କୀୟଙ୍କ ନାମରେ କରିଥିଲା ସୂର୍ଯ୍ୟକାନ୍ତ। ୨୦୨୫ରେ ସସ୍ମିତା ବେଙ୍ଗାଲୁରୁ ଯାଇ ଏକ ଘରୋଇ କମ୍ପାନୀରେ କାମ କରିବା ପରେ ଉଭୟଙ୍କ ସମ୍ପର୍କରେ ଭଟ୍ଟା ପଡ଼ିଥିଲା। ତେବେ ୨୦୨୫ ଅକ୍ଟୋବରରେ ସସ୍ମିତା ଘରକୁ ଫେରିବା ପରେ ସୂର୍ଯ୍ୟକାନ୍ତ ପୁଣି ସମ୍ପର୍କ ଯୋଡ଼ିବାକୁ ଚେଷ୍ଟା କରିଥିଲା। ହେଲେ ସେ ଅନ୍ୟ ଜଣଙ୍କୁ ଭଲ ପାଉଛି ବୋଲି କହିବା ସହ ଉକ୍ତ ଏଲ୍‌ଆଇସି ବଣ୍ଡ ଭାଙ୍ଗି ତାଙ୍କୁ ଟଙ୍କା ଦେବା ପାଇଁ ସୂର୍ଯ୍ୟକାନ୍ତକୁ କହିଥିଲା। ସସ୍ମିତାଙ୍କୁ ମନାଇବାରେ ବିଫଳ ହେବା ପରେ ତାଙ୍କୁ ହତ୍ୟା କରିବା ପାଇଁ ଯୋଜନା କରିଥିଲା ସୂର୍ଯ୍ୟକାନ୍ତ।

ଜାମସେଦପୁରର ଜଣେ ସୁପାରି କିଲର ସହ ୨ଲକ୍ଷ ଟଙ୍କାରେ ଡିଲ କରି ତାକୁ ୨୦ ହଜାର ଟଙ୍କା ଅଗ୍ରିମ ଦେଇଥିଲା। ପରେ ତାକୁ ସାଙ୍ଗରେ ଧରି ଜଗତସିଂହପୁର ଆସି ଏକ ଲଜ୍‌ରେ ରହିଥିଲା। ଗତ ୧୯ ତାରିଖରେ ସସ୍ମିତାର ନିର୍ବନ୍ଧ କାର୍ଯ୍ୟରେ ଉପସ୍ଥିତ ରହି ସମସ୍ତ ପ୍ରକାର ସହଯୋଗ କରିଥିଲା ସୂର୍ଯ୍ୟକାନ୍ତ। ୨୦ତାରିଖରେ ଧୂଆଁପାରିସ୍ଥିତ ମାମୁଘରୁ ସସ୍ମିତାକୁ ନିଜ ସ୍କୁଟିରେ ଆଣି କାଠିଆପଡ଼ାରେ ଛାଡ଼ିଥିଲା। ବାଟରେ ସସ୍ମିତାଙ୍କୁ ବୁଝାଇବା ପାଇଁ ଉଦ୍ୟମ କରିବା ସହ ବିବାହ ଭାଙ୍ଗିବାକୁ ପରାମର୍ଶ ଦେଇଥିଲା ସୂର୍ଯ୍ୟକାନ୍ତ। ଏଥିରେ ଅରାଜି ହେବାରୁ ସେହିଦିନ ସନ୍ଧ୍ୟାରେ ସସ୍ମିତାଙ୍କୁ ପାକନପୁର ନିକଟସ୍ଥ ଓୟାର ହାଉସ ପାଖକୁ ଶେଷଥର ଭେଟିବା ପାଇଁ ଡକାଇଥିଲା। ଉଭୟ ସେଠାରେ କଥାବାର୍ତ୍ତା ହେଉଥିବା ବେଳେ ଅନ୍ଧାରରେ ଲୁଚିଥିବା ସୁପାରି କିଲର୍ ଲୁହା ଚାପଡ଼ରେ ସସ୍ମିତାଙ୍କ ବେକକୁ ହାଣି ଦେଇଥିଲା। ପରେ ସୂର୍ଯ୍ୟକାନ୍ତ ମଧ୍ୟ ଉକ୍ତ ଚାପଡ଼ରେ ସସ୍ମିତାଙ୍କ ମୁହଁ ଏବଂ ଅନ୍ୟ ସ୍ଥାନକୁ ହାଣି ଦେଇଥିଲା। ପରେ ଉଭୟ ସ୍କୁଟିରେ ସେଠାରୁ ଫେରାର ହୋଇଯାଇଥିଲେ।

ସେପଟେ, ୨୦ ତାରିଖରୁ ଝିଅ ନିଖୋଜ ଥିବାରୁ ପରିବାର ଲୋକେ ଏଣେତେଣେ ଖୋଜାଖୋଜି କରୁଥିଲେ। ୨୧ ତାରିଖରେ ଓୟାର ହାଉସ ନିକଟ ମୁଗ ବିଲରେ ସସ୍ମିତାଙ୍କ କ୍ଷତ ବିକ୍ଷତ ଶବ ପଡ଼ିଥିବା ଜାଣିବା ପରେ ତାଙ୍କ ଝିଅକୁ ହତ୍ୟା କରାଯାଇଛି ବୋଲି ପିତା ପ୍ରମୋଦ କୁମାର ଦାସ ଜଗତସିଂହପୁର ଥାନାରେ ଏତଲା ଦେଇଥିଲେ। ବିଭିନ୍ନ ଦିଗକୁ ନେଇ ଅନୁସନ୍ଧାନ କରିବା ପରେ ସୂର୍ଯ୍ୟକାନ୍ତ ହିଁ ହତ୍ୟାକାରୀ ବୋଲି ସ୍ପଷ୍ଟ ହୋଇଥିଲା।

ଗତକାଲି ପୁଲିସର ଏକ ଟିମ ଜାମସେଦପୁରରୁ ସୂର୍ଯ୍ୟକାନ୍ତକୁ ଉଠାଇ ଆଣିଥିଲା। ଆଜି ଘଟଣାସ୍ଥଳରେ ପୁଲିସ ଉପସ୍ଥିତିରେ ସୂର୍ଯ୍ୟକାନ୍ତ ହତ୍ୟାକାଣ୍ଡର ଡେମୋ ଦେଖାଇଥିଲା। ପୁଲିସ ହତ୍ୟାକାଣ୍ଡରେ ବ୍ୟବହୃତ ଚାପଡ଼ ଏବଂ ଅଭିଯୁକ୍ତର ମୋବାଇଲ ଜବତ କରିବା ସହିତ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି। ଖୁବ୍‌ଶୀଘ୍ର ଉକ୍ତ ସୁପାରି କିଲର୍‌କୁ ଗିରଫ କରାଯିବ ବୋଲି ଏସ୍‌ପି ଶ୍ରୀ ବର୍ମା ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଡିଏସ୍‌ପି ରଶ୍ମିରଞ୍ଜନ ଦାସ ଏବଂ ଆଇଆଇସି ସୁଶାନ୍ତ କୁମାର ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

- ଜାମସେଦପୁରରୁ ଉଠାଇ ଆଣିଲା ପୁଲିସ
- ସୁପାରି କିଲର୍‌କୁ ଖୋଜୁଛି ପୁଲିସ
- ହତ୍ୟାରେ ବ୍ୟବହୃତ ଚାପଡ଼ ସହ ମୋବାଇଲ ଜବତ

# ମାଲକାନଗିରି ଜିଲ୍ଲାର ନେତୃବର୍ଗ ସହ ଦେବୀ ମିଶ୍ରଙ୍କ ଆଲୋଚନା



ଭୁବନେଶ୍ୱର, ୨୩।୪ (ସମିସ): ମାଲକାନଗିରି ଜିଲ୍ଲାର ଏକାଧିକ ଜନପ୍ରତିନିଧି ଏବଂ ସାମାଜିକ କର୍ମୀମାନଙ୍କ ସହ ଗୁରୁବାର ବିଜେଡିର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ର ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଛନ୍ତି। ଏହି ଅବସରରେ ପୋଲାଭରମ ଆନ୍ଦୋଳନ ସହ ଜଡ଼ିତ ପ୍ରଭାକର ହନ୍ତାଲ, ଜିଲ୍ଲା ପରିଷଦ ଉପାଧ୍ୟକ୍ଷ ପତିତପାବନ ବୈଦ୍ୟ, ୪ଜଣ ଜିଲ୍ଲା ପରିଷଦ ସଦସ୍ୟ ତଥା ଜିଲ୍ଲାର ବରିଷ୍ଠ ଆଦିବାସୀ ନେତୃବୃନ୍ଦ ଉପସ୍ଥିତ ଥିଲେ। ଏତଦ୍ ବ୍ୟତୀତ ବିଜେଡି ମହିଳା ସଭାନେତ୍ରୀ ସ୍ନେହାଙ୍ଗିନୀ ଛୁରିଆ, ବିଜେଡି ଗଣମାଧ୍ୟମ ସଂଯୋଜକ ଡ. ଲେନିନ୍ ମହାନ୍ତି ମଧ୍ୟ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ଜିଲ୍ଲାର ବିକାଶ ତଥା ଅନ୍ୟାନ୍ୟ ପ୍ରସଙ୍ଗରେ ଏହି ଅବସରରେ ଆଲୋଚନା ହୋଇଥିବା ଜଣାପଡ଼ିଛି।

# 'ଧରିତ୍ରୀ' ଓ 'ଓଡ଼ିଶାପୋଷ୍ଟ' ପକ୍ଷରୁ 'ବିଜନେସ୍ ଏମିନେନ୍ସ ଆୱାର୍ଡ'

ଭୁବନେଶ୍ୱର,୨୩।୪(ସମିସ): 'ଧରିତ୍ରୀ' ଓ 'ଓଡ଼ିଶାପୋଷ୍ଟ' ପକ୍ଷରୁ 'ବିଜନେସ୍ ଏମିନେନ୍ସ ଆୱାର୍ଡ'ର ୬ଷ୍ଠ ସଂସ୍କରଣ ଗୁରୁବାର ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ହୋଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଓଡ଼ିଶାର ବ୍ୟବସାୟ ଓ ଶିଳ୍ପଜଗତରେ ନିଜ ଦୃଢ଼ ସଂକଳ୍ପ, ପରିଶ୍ରମ, ନବଚିନ୍ତନ ଓ ସମାଜପ୍ରତି ଅଙ୍ଗୀକାର ଦ୍ୱାରା ନୂଆ ଅଧ୍ୟାୟ ରଚନା କରୁଥିବା ବ୍ୟକ୍ତିତ୍ୱମାନଙ୍କୁ ଧରିତ୍ରୀ ଏବଂ ଓଡିଶା ପୋଷ୍ଟ ସମ୍ମାନିତ କରୁଥିବାରୁ ଅଭିନନ୍ଦନୀୟ ବୋଲି କହିଛନ୍ତି । ସେ କହିଛନ୍ତି ଯେ ଏହି ପୁରସ୍କାର କେବଳ ସଫଳତାର ଉତ୍ସବ ନୁହେଁ, ଏହା ସାହସ, ସଂଘର୍ଷ, ଆତ୍ମବିଶ୍ୱାସ, ନିଷ୍ଠା ଓ ଉଦ୍ୟମୀ ମନୋଭାବର ସମ୍ମାନ। ପ୍ରତ୍ୟେକ ସଫଳ ବ୍ୟବସାୟ ପଛରେ ରହିଥାଏ ଅନେକ ଅନିଦ୍ରା ରାତ୍ରି, ଅସଂଖ୍ୟ ପ୍ରୟାସ, ଆହ୍ୱାନର ମୁକାବିଲା ଓ ଭବିଷ୍ୟତ ପାଇଁ ବଡ଼ ସ୍ୱପ୍ନ। ଯେଉଁମାନେ ଶୂନ୍ୟରୁ ଆରମ୍ଭ କରି ସଫଳତାର ଶିଖରକୁ ପହଞ୍ଚନ୍ତି, ସେମାନେ ସମାଜ ପାଇଁ ପ୍ରେରଣାର ଉତ୍ସ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଭାବେ ଶିଳ୍ପ



ମନ୍ତ୍ରୀ ସମ୍ପଦଚନ୍ଦ୍ର ସ୍ୱାଇଁ କହିଛନ୍ତି ଯେ ଓଡ଼ିଶା ଆଜି ଅର୍ଥନୈତିକ, ବ୍ୟବସାୟିକ ତଥା ଶିଳ୍ପ ଯାତ୍ରାରେ ଆଗକୁ ବଢୁଛି। ଶିଳ୍ପ ଅନୁକୂଳ ୱାର୍କ, ଷ୍ଟ୍ରିମଲାଇନ୍ଡ୍ ପ୍ରୋସେସେସ, ଲ୍ୟାଣ୍ଡ ବ୍ୟାଙ୍କ୍ ଏବଂ ସେକ୍ଟର୍-ସ୍ପେସିଫିକ ଇନିସିଏଟିଭ ଦ୍ୱାରା ରାଜ୍ୟରେ ପୁଞ୍ଜିନିବେଶ ପୂର୍ବାପେକ୍ଷା ଆହୁରି ସହଜ ହୋଇପାରିଛି। ଗତ ୨୨ ମାସ ଭିତରେ ଏଚଏଲସିଏ ଏବଂ ଏସ୍‌ଏଲ୍‌ଏସ୍‌ଡବ୍ଲ୍ୟୁସିଏ ମାଧ୍ୟମରେ ୪୩୩ଟି ଶିଳ୍ପ ପ୍ରକଳ୍ପ ସହିତ ପ୍ରାୟ ୮ ଲକ୍ଷ ୩୮ ହଜାର କୋଟି ଟଙ୍କାର ପୁଞ୍ଜିନିବେଶକୁ ଅନୁମୋଦନ ଦିଆଯାଇଛି ବୋଲି ମନ୍ତ୍ରୀ ଶ୍ରୀ ସ୍ୱାଇଁ କହିଛନ୍ତି।

ପ୍ରାରମ୍ଭରେ ଧରିତ୍ରୀ ଓ ଓଡ଼ିଶା ପୋଷ୍ଟର କାର୍ଯ୍ୟନିର୍ବାହୀ ଆଦ୍ୟାଶା ଶତପଥୀ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। 'ଧରିତ୍ରୀ' ଓ 'ଓଡ଼ିଶାପୋଷ୍ଟ' ସମ୍ପାଦକ ତଥାଗତ ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ମୁନ୍‌ମୁନ୍ ସିଂହ ସଞ୍ଚାଳନା କରିଥିଲେ।

- ମୁଖ୍ୟମନ୍ତ୍ରୀ ବାଣ୍ଟିଲେ ନିଯୁକ୍ତିପତ୍ର

# ୭ ବିଭାଗରେ ନିଯୁକ୍ତି ପାଇଲେ ୪୬୨୩ ପ୍ରାର୍ଥୀ

ଭୁବନେଶ୍ୱର,୨୩।୪(ସମିସ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୁରୁବାର ରାଜ୍ୟର ୭ଟି ବିଭାଗରେ ମୋଟ ୪୬୨୩ ଜଣ ପ୍ରାର୍ଥୀଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରିଛନ୍ତି। ନବନିଯୁକ୍ତ ପ୍ରାର୍ଥୀଙ୍କୁ ଅଭିନନ୍ଦନ ଜଣାଇବା ସହ ସମାଜର ଅନ୍ତିମ ଶ୍ରେଣୀରେ ଥିବା ବ୍ୟକ୍ତିଙ୍କ ପାଖରେ ସରକାରୀ ସୁବିଧା ପହଞ୍ଚାଇବା ପାଇଁ ପ୍ରାଥମିକତା ଦେବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଥିଲେ। ରାଜ୍ୟର ବୃହତ୍ତର ସ୍ୱାର୍ଥରକ୍ଷା ପାଇଁ ପୂର୍ଣ୍ଣ ଦକ୍ଷତା ଓ କର୍ତ୍ତବ୍ୟବୋଧ, ସମର୍ପଣ ଓ ସ୍ୱଚ୍ଛତାର ସହିତ ଦାୟିତ୍ୱ ନିର୍ବାହ କରିବାକୁ ମୁଖ୍ୟମନ୍ତ୍ରୀ ଆଶାବ୍ୟକ୍ତ କରିଛନ୍ତି।

କଳିଙ୍ଗ ଷ୍ଟାଡିୟମ୍‌ଠାରେ ଅନୁଷ୍ଠିତ ନିଯୁକ୍ତି ମେଳାରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ସର୍ବାଧିକ ୪୧୧୩ ଜଣ ନିଯୁକ୍ତି ପାଇଥିବାବେଳେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗରେ ବନାଞ୍ଚଳ ଅଧିକାରୀ ଭାବେ ୧୧୩ ଓ ସହକାରୀ ବନ ସଂରକ୍ଷକ ଭାବେ ୪୧ ଜଣ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗରେ ସହକାରୀ ପ୍ରଧାପକ ଭାବେ ୧୪ ଜଣ, ଇସ୍ପାତ ଓ ଖଣି ବିଭାଗରେ ଖଣି ଅଧିକାରୀ ଭାବେ ୫୮ ଓ ସହକାରୀ ରସାୟନବିତ୍ ଭାବେ ୧୯ ଜଣ ନିଯୁକ୍ତି ପାଇଛନ୍ତି। ସେହିପରି ପଞ୍ଚାୟତିରାଜ ଓ ପାନୀୟଜଳ ବିଭାଗରେ ସହକାରୀ ନିର୍ବାହୀ ଯନ୍ତ୍ରୀ ଭାବେ ୫୨, ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ବିକାଶ ବିଭାଗରେ ପ୍ରାଣୀ ଚିକିତ୍ସା ଅଧିକାରୀ ଭାବେ ୭୦ ଏବଂ ସୂକ୍ଷ୍ମ, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ ବିଭାଗର ସହକାରୀ ଶିଳ୍ପ ଅଧିକାରୀ ଭାବେ ୧୪୩ ଜଣଙ୍କୁ ନିଯୁକ୍ତିପତ୍ର ମିଳିଛି। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ମନ୍ତ୍ରୀ ଓ ସଚିବ ଉପସ୍ଥିତ ଥିଲେ।

# ଚାକିରି ଲୋଭ ଦେଖାଇ ଆଦିବାସୀ ଯୁବତୀଙ୍କୁ ଦିଲ୍ଲୀରେ ବିକ୍ରି

ରାଇରଙ୍ଗପୁର, ୨୩।୪(ସମିସ): ଚାକିରି ଲୋଭ ଦେଖାଇ ଜଣେ ଆଦିବାସୀ ଯୁବତୀଙ୍କୁ ଦିଲ୍ଲୀରେ ବିକିଦେବା ଓ ୫ ବର୍ଷ ଧରି ଦଲାଲ କବ୍‌ଜାରେ ରହିବା ପରେ ଉଦ୍ଧାର ପାଇଁ ଯୁବତୀଜଣଙ୍କ ଫୋନ୍ ଯୋଗେ ପରିବାରଲୋକଙ୍କୁ ଯୋଗାଯୋଗ କରିବା ଭଳି ଘଟଣା ମୟୂରଭଞ୍ଜ ଜିଲ୍ଲାରେ ତୀବ୍ର ଆଲୋଡ଼ନ ସୃଷ୍ଟି କରିଛି। ଯୁବତୀଜଣଙ୍କ ବାମନଘାଟି ଉପଖଣ୍ଡର ଗୋରୁମହିଷାଣି ଅଞ୍ଚଳର ବୋଲି ଜଣାପଡ଼ିଛି। ତେବେ ତାଙ୍କ ଅନ୍ୟ ଦୁଇ ଭଉଣୀଙ୍କ ମଧ୍ୟ ଖୋଜଖବର ନାହିଁ। ସମସ୍ତଙ୍କୁ ତୁରନ୍ତ ଉଦ୍ଧାର କରିବାକୁ ଭଞ୍ଜସେନା ଦାବି କରିଛି।



କୁକୁଡ଼ିମୁଣ୍ଡି ଗ୍ରାମର ଜେସାଇ ହାଁସଦାଙ୍କ ଝିଅ ସିନଗୋ ହାଁସଦାଙ୍କ ନାବାଳିକା ଅବସ୍ଥାରେ ବିବାହ ହୋଇଥିଲା। ଶଶୁରଘର ଲୋକ ନିର୍ଯାତନା ଦେବାରୁ ସେ ବାପଘରେ ରହୁଥିଲେ। ଚାକିରି ଅନ୍ୱେଷଣ କରୁଥିବା ବେଳେ ସେ ଏକ ଦଲାଲ ହାବୁଡ଼ରେ ପଡ଼ିଥିଲେ। ଦଲାଲଜଣଙ୍କ ଭଲ ଚାକିରି ପ୍ରଲୋଭନ ଦେଖାଇ ସିନଗୋ ସମେତ ତାଙ୍କ ଦୁଇ ଭଉଣୀଙ୍କୁ ଦିଲ୍ଲୀର ଏକ ଧନୀ ପରିବାରକୁ ବିକ୍ରି କରିଦେଇଥିଲା। ସେଠାରେ ସେମାନଙ୍କ ମୋବାଇଲ ଫୋନ୍ ଛଡ଼ାଇ ନିଆଯିବା ସହ ସେମାନଙ୍କୁ ନଜରବନ୍ଦୀରେ ରଖାଯାଇଥିଲା। ଫଳରେ ସେମାନେ ପରିବାର ସହ ଯୋଗାଯୋଗ କରିପାରିନଥିଲେ। ତେବେ ଘରଲୋକଙ୍କ ମୋବାଇଲ ନମ୍ବର ମନେଥିବାରୁ ୫ ବର୍ଷ ପରେ ସୁଯୋଗ ପାଇ ପରିବାରଲୋକଙ୍କୁ ଫୋନ କରିଥିଲେ ସିନଗୋ। ତାଙ୍କ ସହ ଘଟିଥିବା ଅଘଟଣ ଏବଂ ଅନ୍ୟ ଦୁଇ ଭଉଣୀଙ୍କ କୌଣସି ଖୋଜଖବର ନାହିଁ ବୋଲି ଜଣାଇଥିଲେ। ଏ ସଂପର୍କରେ ପରିବାରଲୋକେ ଗୋରୁମହିଷାଣି ଥାନାରେ ଜଣାଇଥିଲେ। କିନ୍ତୁ, ଆଦିବାସୀ ଯୁବତୀଙ୍କୁ ଦିଲ୍ଲୀରୁ ଉଦ୍ଧାର କରି ଆଣିବାରେ ବର୍ତ୍ତମାନ ପର୍ଯ୍ୟନ୍ତ କୌଣସି ପଦକ୍ଷେପ ଗ୍ରହଣ କରାଯାଇନାହିଁ। ତେବେ ଯୁବତୀଙ୍କୁ ତୁରନ୍ତ ଉଦ୍ଧାର କରିବା ପାଇଁ ଭଞ୍ଜସେନା ପକ୍ଷରୁ ଦାବି କରାଯାଇଛି।

ଗଣମାଧ୍ୟମ ଜରିଆରେ ଘଟଣା ସମ୍ପର୍କରେ ଜାଣିବା ପରେ ଭଞ୍ଜସେନା ପ୍ରତିଷ୍ଠାତା କଳିଙ୍ଗ କେଶରୀ ଜେନା ଜାଣିବା ପରେ ସହାୟତା ହାତ

- ୫ ବର୍ଷ ପରେ ଘରକୁ ଯୋଗାଯୋଗ କଲେ
- ଅନ୍ୟ ଦୁଇ ଭଉଣୀଙ୍କ ନାହିଁ ଖୋଜଖବର
- ଯୁବତୀଙ୍କୁ ତୁରନ୍ତ ଉଦ୍ଧାର ପାଇଁ ଭଞ୍ଜସେନାର ଦାବି

ବଢ଼ାଇଛନ୍ତି। ଭଞ୍ଜସେନାର ବାମନଘାଟି ଉପଖଣ୍ଡ ସଭାପତି ସୁନ୍ଦର ମୋହନ ଟୁଡୁ ଗୋରୁମହିଷାଣିରେ ଯୁବତୀଙ୍କ ପରିବାରବର୍ଗଙ୍କୁ ଭେଟି ସବିଶେଷ ଆଲୋଚନା କରିଛନ୍ତି। ଯୁବତୀଙ୍କ ପରିବାର ଝିଅକୁ ଆଣିବାକୁ ଦିଲ୍ଲୀ ଯିବା ସକାଶେ ଭଞ୍ଜସେନା ଆର୍ଥିକ ସହାୟତା ପ୍ରଦାନ କରିଛି। ଦିଲ୍ଲୀ ଯିବା ଆସିବା ପାଇଁ ଟ୍ରେନ୍ ଟିକଟ ବ୍ୟବସ୍ଥା କରାଯାଇଛି। ମୟୂରଭଞ୍ଜ ଜିଲ୍ଲାକୁ ଫେରାଇ ଆଣିବା ନେଇ ସମସ୍ତ ଖର୍ଚ୍ଚ ସଂଗଠନ ବହନ କରିବ ବୋଲି ପ୍ରତିଶ୍ରୁତି ଦେଇଛନ୍ତି। ଏଥିସହିତ ଆଦିବାସୀ ଝିଅଙ୍କୁ ଦଲାଲ କବଳରୁ ଉଦ୍ଧାର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଏକ୍ସ ଯୋଗେ ପ୍ରତିଷ୍ଠାତା ଶ୍ରୀ ଜେନା ନିବେଦନ କରିଛନ୍ତି। ରାଜ୍ୟ ସରକାର ଏଭଳି ଏକ ସମ୍ବେଦନଶୀଳ ଘଟଣା ପ୍ରତି ତୁରନ୍ତ ଦୃଷ୍ଟି ଦେଇ ଯୁବତୀଙ୍କୁ ଉଦ୍ଧାର ନିମନ୍ତେ ପଦକ୍ଷେପ ଗ୍ରହଣ କରିବା ଆବଶ୍ୟକ।

## ୟୁକୋ ବ୍ୟାଙ୍କ ବେତନଟୀ ଶାଖାରେ ବଡ଼ଧରଣର ହେରଫେର୍!

# ବିଡିଓଙ୍କ ଜାଲ୍ ଦସ୍ତଖତରେ ବ୍ଲକ୍ ଆକାଉଣ୍ଟରୁ ୨.୨୬ କୋଟି ଲୁଟ୍

ବାରିପଦା, ୨୩।୪ (ସମିସ): ବିଡିଓଙ୍କ ଜାଲ୍ ଦସ୍ତଖତ ସହାୟତାରେ ବେତନଟୀ ବ୍ଲକ୍ ଆକାଉଣ୍ଟରୁ ୨.୨୬ କୋଟି ଟଙ୍କା ଲୁଟ୍। ରାଷ୍ଟ୍ରାୟତ୍ତ ୟୁକୋ ବ୍ୟାଙ୍କ ବେତନଟୀ ଶାଖାରେ ଏପରି ଏକ ବଡ଼ଧରଣର ହେରଫେର୍ ହୋଇଥିବା ଜଣାଯାଇଛି। ଏ ସଂପର୍କରେ ବ୍ୟାଙ୍କ ମ୍ୟାନେଜର୍ ଅର୍ପିତା ପାଲ ଏତଲା ଦେବା ପରେ ପୁଲିସ ନମ୍ବର ୧୭୮/୨୬ରେ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିବା ଥାନାଧିକାରୀ କ୍ରିଷ୍ଣା ପିଙ୍ଗୁଆ କହିଛନ୍ତି। ଅପରପକ୍ଷେ, ଆଜି ଏହି ଘଟଣାରେ ବିଡିଓଙ୍କ ସହ ବ୍ୟାଙ୍କର ବରିଷ୍ଠ ଅଧିକାରୀ ଓ ବେତନଟୀ ଏସ୍‌ଡିପିଓ ଆଲୋଚନା କରିଛନ୍ତି।

ଅଭିଯୋଗ ମୁତାବକ, ଗତ ମାର୍ଚ୍ଚ ୨୪ ତାରିଖ, ଦିନ ପ୍ରାୟ ୧ଟାରେ ଜଣେ ଅଣ-ଓଡ଼ିଆ ବ୍ୟକ୍ତି ନିଜକୁ ବେତନଟୀ ବିଡିଓଙ୍କ ପ୍ରତିନିଧି ପରିଚୟ ଦେଇ ବେତନଟୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉଲ୍ଲେଖ ଥିବା ଚିଠିରେ ବିଡିଓଙ୍କ ଦସ୍ତଖତ ଏବଂ ସିଲ୍ ଥାଇ ଏକ ଆବେଦନପତ୍ର ବ୍ୟାଙ୍କରେ ଦାଖଲ କରିଥିଲେ। ବେତନଟୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ନାମରେ ଥିବା ୨ଟି ସରକାରୀ ଆକାଉଣ୍ଟ ନମ୍ବର ୩୧୫୪୦୧୧୦୦୫୮୭୩୨ ଏବଂ ୩୧୫୪୦୧୧୦୦୩୫୧୪୬ ସମ୍ପର୍କିତ ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ଅପଡେଟ୍ ପାଇଁ ଉକ୍ତ ଆବେଦନପତ୍ରରେ ଉଲ୍ଲେଖ କରାଯାଇଥିଲା। ସନ୍ଦିଗ୍ଧ ଅଣ-ଓଡ଼ିଆ ବ୍ୟକ୍ତିଜଣଙ୍କ ପ୍ରଥମ ଦିନରେ ମୋବାଇଲ ନମ୍ବର ଏବଂ ଇ-ମେଲ ଆଇଡି ଅପଡେଟ୍ ନିମନ୍ତେ ଆବେଦନପତ୍ର ଦାଖଲ କରିବା ପରେ ବ୍ୟାଙ୍କ କର୍ତ୍ତୃପକ୍ଷ ତାହା ସମ୍ପାଦନ କରିଥିଲେ। ଏହାର ପର ଦିନ ଅର୍ଥାତ୍ ମାର୍ଚ୍ଚ ୨୫ ତାରିଖରେ ପୁନର୍ବାର ସମ୍ପୃକ୍ତ ସନ୍ଦିଗ୍ଧ ବ୍ୟକ୍ତିଜଣଙ୍କ ବ୍ୟାଙ୍କକୁ ଆସି ପୁଣି ବେତନଟୀ ପଞ୍ଚାୟତ ସମିତି କାର୍ଯ୍ୟାଳୟ ଉଲ୍ଲେଖ ଥିବା ଏବଂ ବିଡିଓଙ୍କ ସିଲ ଓ ଦସ୍ତଖତ ଥିବା ଆବେଦନପତ୍ର ଦାଖଲ କରି ସମ୍ପୃକ୍ତ ଦୁଇଟି ଆକାଉଣ୍ଟ ନାମରେ ଇ-ବ୍ୟାଙ୍କିଙ୍ଗ ୟୁଜର ଆଇଡି ଓ ପାସୱାର୍ଡ ଆବେଦନ କରିଥିଲେ। ତେବେ ଗତ ୨୧ ତାରିଖରେ ବ୍ଲକ କର୍ତ୍ତୃପକ୍ଷ କୌଣସି କାମରେ ୟୁକୋ ବ୍ୟାଙ୍କକୁ ଆସିଥିବା ବେଳେ ଏହି କେଲେଙ୍କାରୀ ସଂପର୍କରେ ସୂଚନା ପାଇଥିଲେ। ସେତେବେଳକୁ ଇ-ବ୍ୟାଙ୍କିଙ୍ଗ ଜରିଆରେ ବ୍ଲକ୍ ଆକାଉଣ୍ଟରୁ ୨୮ଟି ଭିନ୍ନଭିନ୍ନ ଆକାଉଣ୍ଟକୁ ୨ କୋଟି ୨୬ ଲକ୍ଷ ଟଙ୍କା ଟ୍ରାନ୍ସଫର୍ ହୋଇଥିବା ଜାଣିବାକୁ ପାଇଥିଲେ। ଖୋଳତାଡ଼ କରିବାରୁ ଏହି ବଡ଼ଧରଣର ଠକେଇ ପଦାକୁ ଆସିଛି। ଏନେଇ ବ୍ୟାଙ୍କ ମ୍ୟାନେଜର୍ ଅର୍ପିତା ପାଲଙ୍କୁ ଯୋଗାଯୋଗ କରିବାରୁ ସେ ଏନେଇ କୌଣସି ଏତଲା ବେତନଟୀ ଥାନାରେ ଦାଏର କରିନାହାନ୍ତି ବୋଲି କହିଛନ୍ତି।

ଏଭଳି ଏକ ସମ୍ବେଦନଶୀଳ ମାମଲାକୁ ନେଇ ଗୁରୁବାର ବିଡିଓ ସୁଶାନ୍ତ କୁମାର ସୂତାରଙ୍କ କାର୍ଯ୍ୟାଳୟରେ ୟୁକୋବ୍ୟାଙ୍କର ପଦସ୍ଥ ଅଧିକାରୀଙ୍କ ସମେତ ବେତନଟୀ ଏସଡିପିଓ ମିନତି ବିଶ୍ୱାଳ, ଆଇଆଇସି କ୍ରିଷ୍ଣା ପିଙ୍ଗୁଆ ପ୍ରମୁଖ ଦୀର୍ଘ ସମୟ ଧରି ଆଲୋଚନା କରିଥିଲେ।

- ଇ-ବ୍ୟାଙ୍କିଙ୍ଗ୍ ଜରିଆରେ ୨୮ଟି ଆକାଉଣ୍ଟକୁ ଟଙ୍କା ଟ୍ରାନ୍ସଫର୍
- ବ୍ୟାଙ୍କ ମ୍ୟାନେଜର୍‌ଙ୍କ ଏତଲା ପରେ ପୁଲିସର ତଦନ୍ତ ଆରମ୍ଭ
- ବିଡିଓଙ୍କ ସହ ବ୍ୟାଙ୍କର ବରିଷ୍ଠ ଅଧିକାରୀଙ୍କ ଆଲୋଚନା

